ରୁଷିଆକୁ ଯାତ୍ରା କରୁଥିବା ଭାରତୀୟଙ୍କ ପାଇଁ ପରାମର୍ଶ

ଆମେ ନିୟମିତ ଭାବରେ ରୁଷିଆର ସଶସ୍ତ୍ର ବଳରେ ଭାରତୀୟ ନାଗରିକମାନଙ୍କ ନିଯୁକ୍ତି ବାବଦରେ ରିପୋର୍ଟ ଦେଖୁଛୁ। ସରକାର ଗତ ଦୁଇ ବର୍ଷ ମଧ୍ୟରେ ଅନେକ ଥର ଏହି କାର୍ଯ୍ୟରେ ଥିବା ବିପଦ ଏବଂ ସମସ୍ୟା ବାବଦରେ ଆଲୋକପାତ କରିଛନ୍ତି ଏବଂ ସମୟ ସମୟରେ ବିଦେଶରେ ନିଯୁକ୍ତି ସୁଯୋଗ ହାସଲ କରିବା ସମୟରେ ସାବଧାନ ରହିବା ଏବଂ ଉପଯୁକ୍ତ ଯାଞ୍ଚ ନକରି କୌଣସି ବ୍ୟକ୍ତିଙ୍କ ଠାରୁ ନିଯୁକ୍ତିର ସୁଯୋଗ ଲାଭ କରିବାର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

2. ଆମେ ଏପରି ଅନେକ ଉଦାହରଣ ମଧ୍ୟ ଦେଖିବାକୁ ପାଇଛୁ ଯେଉଁଥିରେ କେତେକ ବ୍ୟକ୍ତି ନିଜର ଆର୍ଥିକ ଲାଭ ଆଶାରେ ରୁଷିଆର ସଶସ୍ତ୍ର ବଳରେ ସ୍ୱଇଚ୍ଛାରେ ଯୋଗ ଦେବାକୁ ସେଠାକୁ ଯାଇଛନ୍ତି ଏବଂ ପରେ ଭାରତ ସରକାରଙ୍କୁ ନିଜର ସୁରକ୍ଷିତ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି। ଏହା ବାରମ୍ବାର କୁହାଯାଇଛି ଯେ ଏହା ଏକ ବିପଜ୍ଜନକ ମାର୍ଗ ଏବଂ ସରକାରଙ୍କ ଦ୍ୱାରା ଏହାକୁ ଦୃଢ଼ ଭାବରେ ନିଷେଧ ମଧ୍ୟ କରାଯାଇଛି।

3. ଏପରି ଅନେକ ଉଦାହରଣ ମଧ୍ୟ ଦେଖିବାକୁ ମିଳିଛି ଯେଉଁଥିରେ କେତେକ ବ୍ୟକ୍ତି ନିଜର ଭାରତୀୟ ନାଗରିକତାକୁ ସ୍ୱେଚ୍ଛାକୃତ ଭାବରେ ତ୍ୟାଗ କରି ରୁଷିଆର ପାସପୋର୍ଟ ପାଇବା ପାଇଁ ଏବଂ ଏହାପରେ ରୁଷିଆର ସଶସ୍ତ୍ର ବାହିନୀରେ ନିଯୁକ୍ତ ହେବା ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏଥି ମଧ୍ୟରୁ କେତେକ ବ୍ୟକ୍ତି ଭାରତୀୟ କର୍ତ୍ତୃପକ୍ଷଙ୍କ ସହିତ କୌଣସି ପରାମର୍ଶ ନ କରି ଅସ୍ଥାୟୀ ଆର୍ଥିକ ପ୍ରଲୋଭନର ଶିକାର ହୋଇ ପୂର୍ବରୁ ଏଭଳି ପଦକ୍ଷେପ ନେଇସାରିଛନ୍ତି। ତେଣୁ ଏହା ପରାମର୍ଶ ଦିଆଯାଉଛି ଯେ ଉକ୍ତ ବ୍ୟକ୍ତିଗଣ ଏଭଳି କାର୍ଯ୍ୟ କରିବାର ସମସ୍ୟାକୁ ବୁଝନ୍ତୁ ଏବଂ ଏହା ଦ୍ୱାରା ସେମାନେ ଯେଉଁ ବିପଦରେ ପଡ଼ିବାକୁ ଯାଉଛନ୍ତି ତାହା ବାବଦରେ ଗୁରୁତ୍ୱର ସହ ବିଚାର କରନ୍ତୁ। ଭାରତୀୟ ନାଗରିକମାନଙ୍କୁ ଏପରି କାର୍ଯ୍ୟରୁ କ୍ଷାନ୍ତ ରହିବାକୁ ସରକାର ପରାମର୍ଶ ଦେଉଛନ୍ତି।

4. ଏହା ମଧ୍ୟ ଆମ ଦୃଷ୍ଟିକୁ ଆସିଛି ଯେ ବିଦେଶୀ ନାଗରିକମାନଙ୍କୁ କେତେକ ଅଣ-ସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ରୁଷିଆର ସଶସ୍ତ୍ର ବାହିନୀରେ ସେବା ପ୍ରଦାନ କରିବା ପାଇଁ ନିଯୁକ୍ତ କରାଯାଉଛି। ଭାରତୀୟ ନାଗରିକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ବିଦେଶ ମନ୍ତ୍ରଣାଳୟରେ ପଞ୍ଜିକୃତ ହୋଇନଥିବା ଏଭଳି ଏଜେଣ୍ଟମାନଙ୍କ ଠାରୁ କୌଣସି ନିଯୁକ୍ତି ସୁଯୋଗ ପ୍ରାପ୍ତ କରିବା ପୂର୍ବରୁ ଉପଯୁକ୍ତ ଭାବରେ ଯାଞ୍ଚ କରନ୍ତୁ ଏବଂ ସତର୍କ ରୁହନ୍ତୁ।

5. ରୁଷିଆର ସଶସ୍ତ୍ର ବାହିନୀରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କ ସୁରକ୍ଷା, କଲ୍ୟାଣ ଏବଂ ସେଠାରୁ ସେମାନଙ୍କର ଶୀଘ୍ର ମୁକ୍ତି ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ରୁଷିଆର ପକ୍ଷ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।